“The Samaja” dated 24/05/2007(Page-10)

Examination Papers made available to the candidates under RTI Act, 2005

# ପରୀକ୍ଷା ଖାତାର ନକଲ ମିଳିଲା



- ବୋର୍ଡ କର୍ତ୍ତୃପକ୍ଷ ଦେଇଥିବା ଚିଠିକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ
- ସଠିକ୍ ଉତ୍ତର ପରୀକ୍ଷକ କାଟିଛନ୍ତି
- ମୂଲ୍ୟାଙ୍କନରେ ବିଭ୍ରାଟ



ଭୁବନେଶ୍ୱର, ତା ୨୨।୫ (ବ୍ୟୁରୋ)– ସୂଚନା ଅଧିକାର ବଳରେ ଗତ ସାତ ତାରିଖରେ ବୋର୍ଡ କର୍ତ୍ତୃପକ୍ଷ ୨୦୦୭ ମସିହାରେ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ର ଆଜାଦ ଅଲ୍ଲୀଙ୍କ ପିତା ସୟଦ ଆକବର ଅଲ୍ଲୀଙ୍କୁ ପରୀକ୍ଷା ଖାତାର ନକଲ ପ୍ରଦାନ କରିଛନ୍ତି । ଏବେ ଏହି ପରୀକ୍ଷା ଖାତାର ନକଲ ପାଇବା ପରେ ମାଟ୍ରିକ ପରୀକ୍ଷା ଖାତା ଦେଖୁଥିବା ଶିକ୍ଷକମାନେ ଛାତ୍ରଟିକୁ ଦିଆଯାଇଥିବା ନମ୍ବରକୁ ନେଇ ବିସ୍ମୟ ପ୍ରକାଶ କରିଛନ୍ତି ।

ଖୋର୍ଦ୍ଧା ବର୍କ୍ସ ଜଗବନ୍ଧୁ ବିଦ୍ୟାପୀଠରେ ଶିକ୍ଷକତା କରୁଥିବା ସୟଦ ଆକବର ଅଲ୍ଲୀ ଉଚ୍ଚନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିବାବେଳେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ବୋର୍ଡ କର୍ତ୍ତୃପକ୍ଷ ତାଙ୍କୁ ପଠାଇଥିବା ପତ୍ରରେ ଯାହା ମାର୍କ ପରୀକ୍ଷକ ଦେଇଛନ୍ତି ତାହା ଠିକ୍ ଥିବା ଜଣାଇଥିବାବେଳେ ଏବେ ପରୀକ୍ଷା ଖାତାର ନକଲ ବୋର୍ଡ କର୍ତ୍ତୃପକ୍ଷଙ୍କ ଚିଠିର ସତ୍ୟତାକୁ ନେଇ ସନ୍ଦେହ ସୃଷ୍ଟି କରିଛି । ପରୀକ୍ଷା ଖାତାର ନକଲ ଆଣିବା ପରେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ଶିକ୍ଷକ ଆକବର ଅଲ୍ଲୀ ଖାତା ଦେଖାରେ ଥିବା ତ୍ରୁଟି ଓ ପରୀକ୍ଷକ ସୟଦ ଆଜାଦଙ୍କ ଉତ୍ତରରେ ଛକି ପକାଇବା ଓ ଠକ୍ ଉତ୍ତରକୁ କାଟିବା ନେଇ ଅଭିଯୋଗ କରିଥିବାବେଳେ ଶିକ୍ଷକତା କରୁଥିବା ଏହି ଅଭିଭାବକଙ୍କୁ ବୋର୍ଡ କର୍ମଚାରୀଙ୍କ ପକ୍ଷରୁ ଧମକ ଦିଆଯାଇଥିବା ଶ୍ରୀ ଅଲ୍ଲୀ ଜଣାଇଛନ୍ତି । ଚାକିରି ଉପରେ ଆଞ୍ଚ ଆସିବା ମଧ୍ୟ କୁହାଯାଇଛି ତାଙ୍କୁ ।

୨୦୦୭ରେ ମାଟ୍ରିକ ପରୀକ୍ଷା ଦେଇଥିଲେ ସୟଦ ଆଜାଦ ଅଲ୍ଲୀ । ଏଫ.ଏଲ.ଓ (ଓଡ଼ିଆ)ରେ ୫୨ ନମ୍ବର ପାଇଥିବା ଯୋଗୁଁ ପୁନଃ ମୂଲ୍ୟାଙ୍କନ ନେଇ ଆବେଦନ କରିଥିଲେ ସେ । ବୋର୍ଡରୁ କୌଣସି ଉତ୍ତର ନ ପାଇବା ଯୋଗୁଁ ପିତା ସୟଦ ଆକବର ଅଲ୍ଲୀ କାର୍ଯ୍ୟାଳୟକୁ ଯାଇ ବୁଝିଥିଲେ । ଯେଉଁ ମାର୍କ ଦିଆଯାଇଛି ତାହା ଠିକ୍ ଥିବା ନେଇ ତାଙ୍କୁ ପୋଷ୍ଟକାର୍ଡରେ ଜଣାଇ ଦିଆଯାଇଥିବା କୁହାଯାଇଥିଲା । ଚିଠି ପାଇନଥିବା ଓ ପରୀକ୍ଷାରେ ସୟଦ ଆଜାଦ ଅଲ୍ଲୀ ପାଇଥିବା ନମ୍ବରରେ ସନ୍ଦେହ ଥିବାରୁ ଉଚ୍ଚ ନ୍ୟାୟାଳୟରେ ୮୦୪୭/୨୦୦୭ରେ ମୋକଦ୍ଦମା କରିଥିଲେ ସେ । ମାଧ୍ୟମିକ ଶିକ୍ଷା ପରିଷଦ ୧୭.୧୨.୦୭ରେ ଚିଠି ନମ୍ବର ୨୨୭୦୨ରେ "ନୋ ଚେଞ୍ଜ' ଲେଖି ପଠାଇଥିଲେ ପରୀକ୍ଷାର୍ଥୀଙ୍କ ନିକଟକୁ । ପରୀକ୍ଷା ଖାତାର ନକଲ ପାଇଁ ନହିଁନଥିବା ଦୁର୍ଦ୍ଦଶା ଭୋଗିଥିଲେ ଅଭିଭାବକ ଆକବର ଅଲ୍ଲୀ । ଶେଷରେ ସୂଚନା କମିଶନରଙ୍କ ପର୍ଯ୍ୟନ୍ତ ଯିବାକୁ ପଡ଼ିଥିଲା । ଖାତା ନକଲ ମିଳିଲା ଚଳିତମାସରେ । ସଂଖ୍ୟାଧିକ ମାଟ୍ରିକ ପରୀକ୍ଷା ଖାତା ଦେଖୁଥିବା ଶିକ୍ଷକ ତର୍ଜମା କରିଛନ୍ତି ପରୀକ୍ଷା ଖାତା । ଅନ୍ୟୁନ ୮୦ ନମ୍ବର ପାଇବାକୁ ଯୋଗ୍ୟ ସୟଦ ଆଜାଦଙ୍କୁ ପରୀକ୍ଷକ କର୍ମ ମାର୍କ ଦେବା ନେଇ ବିସ୍ମୟ ସୃଷ୍ଟି ହୋଇଛି । ୮୭ ପ୍ରତିଶତ ମାର୍କ ରଖିଥିବା ଏହି ମେଧାବୀ ଛାତ୍ର ଜଣକ ଖାତା ମୂଲ୍ୟାଙ୍କନରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପରୀକ୍ଷା ଖାତା ମୂଲ୍ୟାଙ୍କନରେ ତ୍ରୁଟିକୁ ନେଇ ପୁଣି ଉଚ୍ଚନ୍ୟାୟାଳୟରେ ଦରଖାସ୍ତ କରାଯାଇଛି ।

ରୋଲ ନମ୍ବର ୫୨ଟିସି ୧୧୮ ଧାରୀ ଛାତ୍ର ସୟଦ ଆଜାଦ ଗତବର୍ଷ ମାର୍ଚ୍ଚ ୧ ତାରିଖରେ ଅନୁଷ୍ଠିତ ଓଡ଼ିଆ ପରୀକ୍ଷା ଦେଇଥିଲେ । ୧୦ ନମ୍ବରରେ ଥିବା ପ୍ରଶ୍ନ ଗୋଟିଏ ବିସ୍ମୟସୂଚକ ବାକ୍ୟ ଲେଖିବାକୁ ଥିବାବେଳେ ପରୀକ୍ଷାର୍ଥୀ ଉତ୍ତରରେ "କେତେ ବଡ଼ ସାପ !' ଲେଖିଥିଲେ ମଧ୍ୟ ପରୀକ୍ଷକ ସାପଟିକୁ ଛକ ପକାଇ ଏହି ନିର୍ଭୁଲ ଉତ୍ତର ପାଇଁ ନମ୍ବର ଦେଇନାହାନ୍ତି । ସେହିପରି ୭ ନମ୍ବର 'ଖ'ର ଉତ୍ତର ସମ୍ପୂର୍ଣ୍ଣ ଭାବେ କାଟିଦିଆଯାଇଛି । ଅନ୍ୟ ଉତ୍ତର ପାଇଁ ଠିକ୍ ମୂଲ୍ୟାଙ୍କନ ହୋଇନଥିବା ଅଭିଯୋଗ କରିଛନ୍ତି ସଂପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନେ । ପ୍ରଶ୍ନ ନମ୍ବର ୧ରେ ୭ ୧/୨ ପାଇବାକୁ ଯୋଗ୍ୟ ଥିବା ସୟଦ ଆଜାଦଙ୍କୁ ମିଳିଛି ମାତ୍ର ୪ ନମ୍ବର, ପ୍ରଶ୍ନ ନମ୍ବର ୩ (କ)ରେ ମାତ୍ର ୧ ନମ୍ବର, ପ୍ରଶ୍ନ ନମ୍ବର ୪ର ଉତ୍ତରରେ ମାତ୍ର ୪ ନମ୍ବର, ୭ ନଂ କ–ରେ ୨ ନମ୍ବର ୭ ନମ୍ବର (କ)ରେ ୧ ନମ୍ବର, ୭ ନମ୍ବର (ଖ) ଉତ୍ତର ଠକ୍ ଲେଖି ମିଳିଛି ମାତ୍ର ୧ ନମ୍ବର, ୯ ନମ୍ବରର ଉତ୍ତରରେ ମାତ୍ର ୪ ନମ୍ବର, ୮ ନମ୍ବରର ଉତ୍ତର ପାଇଁ ମାତ୍ର ୪ ନମ୍ବର ଏହିଭଳି ଖାତାର ଉପଯୁକ୍ତ ମୂଲ୍ୟାଙ୍କନ କରାଯାଇନଥିବା ପ୍ରକାଶ କରିଛନ୍ତି ଶିକ୍ଷକମାନେ । ଏବେ ପରୀକ୍ଷା ଖାତାର ନକଲକୁ ନେଇ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ସୟଦ ଆକବର ଅଲ୍ଲୀ । ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାଙ୍କନରେ ପରୀକ୍ଷକ ମାନଙ୍କ ଦାୟିତ୍ୱହୀନତା ଯୋଗୁଁ କିଭଳି ମେଧାବୀ ଛାତ୍ରଛାତ୍ରୀ ଦୁର୍ଦ୍ଦଶା ଭୋଗୁଛନ୍ତି ଏବଂ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି ତାହା ସେ ଅଦାଲତକୁ ଜଣାଇବେ । ତାଙ୍କୁ ବୋର୍ଡ ପଦାଧିକାରୀମାନେ ଦେଇଥିବା ଧମକ ଚମକ ସମ୍ପର୍କରେ ମଧ୍ୟ ସୂଚନା ଦେବେ ନ୍ୟାୟାଳୟକୁ ।